# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 June – 2025

*********************************

## ମୁଖ୍ୟ ସମ୍ବାଦ

- ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ ଆଜି ପାଳନ କରାଯାଉଛି ସମ୍ବିଧାନ ହତ୍ୟା ଦିବସ

- ଆମେରିକାର ଫ୍ଲୋରିଡ଼ାସ୍ଥିତ କେନେଡ଼ି ମହାକାଶ କେନ୍ଦ୍ରରୁ ଏକ୍ସିଓମ୍-୪ ମିଶନର ଶୁଭାରମ୍ଭ

– ଭାରତର କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ସମେତ ଚାରି ଜଣ କଲେ ମହାକାଶକୁ ଯାତ୍ରା

- ସାଧାରଣ ଲୋକଙ୍କୁ ସହଜରେ ରାଜସ୍ୱ ସେବା ଉପଲବ୍ଧ କରାଇବା ପାଇଁ ଉନ୍ମୋଚିତ ହେଲା ଇ-ରେଜିଷ୍ଟ୍ରେସନ ଆପ୍

ଏବଂ

- ୧୫ ଦିନର ଅଣବସର ପରେ ଆସନ୍ତାକାଲି ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ନବଯୌବନ ଦର୍ଶନ; ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା

BBSR/R

# ସମ୍ବିଧାନ ହତ୍ୟା ଦିବସ

ଭାରତରେ ଜରୁରିକାଳୀନ ପରିସ୍ଥିତି ଲାଗୁ ହେବାର ୫୦ ବର୍ଷ ପୂର୍ତ୍ତିକୁ ଆଜି ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯାଉଛି । ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରେ ଭାରତୀୟ ସମ୍ବିଧାନ ପ୍ରତି ଅମର୍ଯ୍ୟାଦା ପ୍ରଦର୍ଶନପୂର୍ବକ ତତ୍କାଳୀନ ସରକାର ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁ କରିଥିଲେ। ଦେଶର ଗଣତାନ୍ତ୍ରିକ ଇତିହାସର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥିବା ସେହି ଦିନକୁ ମନେ ପକାଇ ଆଜି ଦେଶର କୋଣ-ଅନୁକୋଣରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଉଛି ।

ଆଜି ସମ୍ବିଧାନ ହତ୍ୟା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ କଳାଦିବସ ଭାବେ ଅଭିହିତ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଦିନରେ ଭାରତୀୟ ସମ୍ବିଧାନର ମର୍ଯ୍ୟଦାହାନୀ କରାଯିବା ସହ ଲୋକଙ୍କର ମୌଳିକ ଅଧିକାର ଶେଷ କରି ଦିଆଯାଇଥିଲା। ଗଣମାଧ୍ୟମର ସ୍ୱାଧୀନତାକୁ ମଧ୍ୟ ଛଡ଼ାଇ ନିଆଯାଇଥିଲା। ରାଜନେତା, ସାମାଜିକ କର୍ମୀ, ଛାତ୍ରଛାତ୍ରୀ ଏବଂ ସାଧାରଣ ନାଗରିକଙ୍କୁ ଜେଲ୍‌ରେ ବନ୍ଦୀ କରି ରଖାଯାଇଥିଲା। ଏହି ସମୟରେ ପ୍ରକୃତରେ ଗଣତନ୍ତ୍ରର ହତ୍ୟା ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ  ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଲୋକମାନେ ଏବେ ମଧ୍ୟ ଭାରତୀୟ ଗଣତନ୍ତ୍ରର ସବୁଠାରୁ କଳା ଅଧ୍ୟାୟ ଭାବରେ ଜରୁରୀକାଳୀନ ପରିସ୍ଥିତିକୁ ମନେ ରଖିଛନ୍ତି । ସେ କହିଛନ୍ତି, ଦେଶ ଉପରେ ଯେଉଁଭଳି ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା, ତାହା କ୍ଷମତାର ଅପବ୍ୟବହାର  ଓ ଏକଛାତ୍ରବାଦର ଏକ ଜ୍ୱଳନ୍ତ ଉଦାହରଣ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପରିପ୍ରେକ୍ଷୀରେ କହିଛନ୍ତି, ଗଣତନ୍ତ୍ରର ସୁରକ୍ଷା ପାଇଁ ସମସ୍ତେ ଶପଥ ନେବା ସହ ଜରୁରୀକାଳୀନ ପରିସ୍ଥିତି ସମୟରେ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଉଠିଥିବା ସ୍ୱରକୁ ସମ୍ମାନ ଜଣାଇବା।

ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥ ପ୍ରେକ୍ଷାଳୟରେ ଆଜି ଅପରାହ୍ଣରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ସମ୍ବିଧାନ ହତ୍ୟା ଦିବସରେ ଆକାଶବାଣୀ, କଟକ ସମ୍ବାଦ ବିଭାଗ ପକ୍ଷରୁ ଶୁଣନ୍ତୁ ସ୍ମୃତିରେଖା ତାରେଣିଆଙ୍କ ଏକ ରିପୋର୍ଟ...

# ଏକ୍ସିଓମ୍-୪

ଆମେରିକାର ଫ୍ଲୋରିଡାସ୍ଥିତ 'ନାସା'ର କେନେଡ଼ି ମହାକାଶ କେନ୍ଦ୍ରରୁ ଆଜି ଅକ୍ସିଓମ୍-୪ ମିଶନର ଶୁଭାରମ୍ଭ ହୋଇଛି। ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ସମେତ ଚାରି ଜଣ ଏହି ମିଶନ ଜରିଆରେ ମହାକାଶକୁ ଯାତ୍ରା କରିଛନ୍ତି। ଉ୍ଵିଙ୍ଗ୍ କମାଣ୍ଡର ରାକେଶ ଶର୍ମାଙ୍କ ପରେ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ମହାକାଶକୁ ଯାତ୍ରା କରୁଥିବା ଦ୍ୱିତୀୟ ଭାରତୀୟ। ଶ୍ରୀ ଶର୍ମା ୧୯୮୪ ମସିହାରେ ମହାକାଶକୁ ଯାତ୍ରା କରିଥିଲେ। ଏ ସମ୍ପର୍କରେ ଇସ୍ରୋ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରାଯାଇଛି, ଭାରତୀୟ ସମୟ ଅନୁସାରେ ଆସନ୍ତାକାଲି ଅପରାହ୍ନ ସାଢ଼େ ୪ଟାରେ ଅକ୍ସିଓମ-୪ର ଡକିଂ ହେବ। ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ଆଇ.ଏସ୍.ଏସ୍. ପହଁଞ୍ଚିବା ପରେ ମହାକାଶଚାରୀମାନେ ସେଠାରେ ପ୍ରାୟ ଦୁଇ ସପ୍ତାହର ସମୟ ଅତିବାହିତ କରିବେ। ମହାକାଶ ଯାତ୍ରା କରିବା ପରେ କ୍ୟାପଟେନ୍ ଶୁକ୍ଲା ନିଜ ସନ୍ଦେଶରେ କହିଛନ୍ତି, ଏହି ମିଶନ କେବଳ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଗୋଟିଏ ଯାତ୍ରା ନୁହେଁ ବରଂ ଭାରତର ମାନବ ମହାକାଶ ଅଭିଯାନର ଆରମ୍ଭ ମାତ୍ର। ଦେଶବାସୀଙ୍କୁ ଏହାର ଅଂଶ ହେବାକୁ ସେ ନିମନ୍ତ୍ରଣ କରିଛନ୍ତି।

**- V/O -**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ଶୁଭାଂଶୁ ଶୁକ୍ଲାଙ୍କୁ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, କ୍ୟାପଟେନ୍ ଶୁକ୍ଲା ଭାରତର ମହାକାଶଯାତ୍ରାରେ ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିଛନ୍ତି। ସମଗ୍ର ଦେଶ ଏଥିପାଇଁ ଅତ୍ୟନ୍ତ ଉତ୍ସାହିତ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ କ୍ୟାପଟେନ୍ ଶୁକ୍ଲାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

***BBSR/R***

## ଇ-ରେଜିଷ୍ଟ୍ରେସନ୍ ଆପ୍

ସାଧାରଣ ଲୋକଙ୍କୁ ସହଜରେ ରାଜସ୍ୱ ସେବା ଉପଲବ୍ଧ କରାଇବା ପାଇଁ ଇ-ରେଜିଷ୍ଟ୍ରେସନ୍ ଆପ୍‌ର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହି ଆପ୍‌ର ଉନ୍ମୋଚନ କରିଛନ୍ତି। ଏହି ଆପ୍ ମାଧ୍ୟମରେ ଜମିଜମା ପଞ୍ଜୀକରଣ ପାଇଁ ଅନଲାଇନ୍ ସ୍ଲଟ୍ ବୁକିଂ ସହ ଅନ୍ୟାନ୍ୟ ରାଜସ୍ୱ ସୁବିଧା ଉପଲବ୍ଧ ହେବ ବୋଲି ଜଣାପଡ଼ିଛି। ଏନ୍ କ୍ୟୁମ୍‌ବ୍ରାନ୍ସ ସାର୍ଟିଫିକେଟ ଆବେଦନ, ପ୍ରମାଣୀକୃତ ନକଲ, ଜମିର ସରକାରୀ ନିର୍ଦ୍ଧାରିତ ମୂଲ୍ୟ ଜାଣିବା, ପରିଦର୍ଶକ ମୂଳକ ପଞ୍ଜୀକରଣ ପାଇଁ ଏହି ଆପ୍‌ରେ ଆବେଦନ କରାଯାଇପାରିବ। ଏହି ଅବସରରେ ରାଜସ୍ୱ ବିଭାଗର ସଫଳତା ପୁସ୍ତିକା ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

*Puri*

## ନବଯୌବନ ଦର୍ଶନ

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଅନୁଷ୍ଠିତ ହେବ। ଅଣବସରର ୧୫ ଦିନ ପରେ ଆସନ୍ତାକାଲି ଶ୍ରୀଜୀଉ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ। ଏଥିଲାଗି ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅଣବସରର ଶେଷ ଦିନରେ ଆଜି ସନ୍ଧ୍ୟାରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ସକାଳ ଧୂପନୀତି ଶେଷ ହେବାପରେ ପରମ୍ପରା ଅନୁସାରେ, ତିନିରଥକୁ ଆଜ୍ଞାମାଳ ବିଜେ କରାଯିବ। ରଥ ଆଜ୍ଞାମାଳ ବିଜେ ପରେ ବିଧି ଅନୁସାରେ ପ୍ରଥମେ ନନ୍ଦିଘୋଷ ପରେ ଦର୍ପଦଳନ ଓ ଶେଷରେ ତାଳଧ୍ୱଜ  ରଥକୁ ରଥ ଖଳାରୁ ସିଂହଦ୍ୱାରରେ ପହଁଞ୍ଚାଯିବ।

*Desk*

## ଅଗ୍ନିପଥ ଯୋଜନା

ଭାରତୀୟ ସେନାର ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ନିଯୁକ୍ତି ବର୍ଷ -୨୦୨୫-୨୬ ପାଇଁ ଆସନ୍ତା ୩୦ ତାରିଖରୁ ଜୁଲାଇ ମାସ ୧୦ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଆରମ୍ଭ ହେବ। କୋଲକାତା ଜୋନ୍ ପାଇଁ ଦେଶର ୧୮ଟି ସହରର ୨୨ଟି

କେନ୍ଦ୍ରର ପରୀକ୍ଷା ଅନୁଷ୍ଠିତ ହେବ। ଓଡ଼ିଶାର କଟକ, ଭୁବନେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଓ ବ୍ରହ୍ମପୁରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନେ **www.joinindianarmy.nic.in** ମାଧ୍ୟମରେ ଏ ସମ୍ପର୍କିତ ତଥ୍ୟ ପାଇପାରିବେ।

***Balangir***

## ବିଧାନସଭା ଗୃହ କମିଟି

ବିଧାନସଭା ଗୃହ କମିଟିର ୯ ଜଣିଆ ପ୍ରତିନିଧି ଦଳ ବଲାଙ୍ଗୀର ଗସ୍ତରେ ଯାଇଛନ୍ତି। ବିଧାୟକ ଲକ୍ଷ୍ମଣ କୁମାର ବାଗଙ୍କ ନେତୃତ୍ୱରେ ଯାଇଥିବା ଏହି କମିଟି ଆଜି ପୂର୍ବାହ୍ନରେ ବଲାଙ୍ଗୀର ସହର ସ୍ଥିତ ସମଲେଶ୍ୱରୀ ମନ୍ଦିର ଓ ପାଟଣେଶ୍ୱରୀ ମନ୍ଦିର ପରିଦର୍ଶନ କରି ସେଠାରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

***Balangir***

## ଗ୍ରାମ୍ୟ ନ୍ୟାୟାଳୟ ଉଦ୍‌ଘାଟିତ

ସମାଜର ଶେଷ ସ୍ତରରେ ଥିବା ଲୋକଙ୍କୁ ନ୍ୟାୟ ମିଳିବା ଉଦ୍ଦେଶ୍ୟରେ ବଲାଙ୍ଗୀର ସମେତ ଉଦଲା, ବଣାଇ ଉପାନ୍ତ ଅଞ୍ଚଳରେ ଗ୍ରାମ୍ୟ ନ୍ୟାୟାଳୟ ଉଦ୍‌ଘାଟିତ ହୋଇଛି। ଆଜି ସକାଳ ୧୦ଟାରେ ବଲାଙ୍ଗୀର ସିଭିଲ କୋର୍ଟ ପରିସରରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ

ବିଚାରପତି ହରିଶ ଟଣ୍ଡନ୍ ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଛନ୍ତି ।

***Nayagarh***

## ଦିଶା ବୈଠକ

ନୟାଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି– ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କନ୍ୟା ସନ୍ତାନର ସୁରକ୍ଷା, ଏବଂ ଶିକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗଦେଇ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଆଦି ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ ।

***Boudh/BHK***

## ଜିଲ୍ଲା– ସମ୍ବିଧାନ ହତ୍ୟା ଦିବସ

ରାଜ୍ୟରେ ବିଭିନ୍ନ ସ୍ଥାନରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଉଥିବା ଖବର ଆମର ହସ୍ତଗତ ହୋଇଛି ।

ଜରୁରୀକାଳୀନ ପରିସ୍ଥିତି ସମୟରେ ଭଦ୍ରକ ଜିଲ୍ଲାର କେତେ ଜଣ କାରାବରଣ କରିବା ପରେ ମୁକ୍ତି ପାଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଦୁଇ ଜଣଙ୍କୁ

ଜିଲ୍ଲା ପ୍ରଶାସନ ପକ୍ଷରୁ ମନୋନୀତ କରାଯାଇଛି। ସେମାନେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ବୌଦ୍ଧ ଜିଲ୍ଲାରୁ ୪୦ଜଣ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

***Desk***

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଜି କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ୧୦ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଆକଳନ କରାଯାଇଛି। ଏହି ସମସ୍ତ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।